ତାଭାରେ ଯାତ ସୃଷ୍ଟି ହୋଇଥିଲା।

# କେନ୍ଦ୍ର ସାହିତ୍ୟ ଅକାଦେମି ସାହିତ୍ୟୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୩/୩(ଇମିସ): ନୂଆଦିଲ୍ଲୀର ରବୀନ୍ଦ୍ର ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଅକାଦେମି ଦ୍ୱାରା ଆୟୋଜିତ ଏସିଆର ସର୍ବବୃହତ ସାହିତ୍ୟୋତ୍ସବ



ଉଦ୍‌ଯାପିତ ହୋଇଛି। ଉତ୍ସବର ଅନ୍ତିମ ଦିନରେ ଯୋଗ ଦେଇଥିଲେ ଦିବ୍ୟାଙ୍ଗ ଲେଖକ ଏବଂ ଶିଶୁ ପ୍ରତିଭା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଦିବ୍ୟାଙ୍ଗ ଲେଖକ ସମ୍ମିଳନୀ। ଏଥିରେ ବିନୋଦ ଆସୁଦାନୀ ଓ ଅରବିନ୍ଦ ପି. ଭାଟିକରଙ୍କ ଅଧ୍ୟକ୍ଷତାରେ ୧୦ଟି ଭାଷାର ଦିବ୍ୟାଙ୍ଗ ଲେଖକ କବିତା ଓ ଗଳ୍ପ ପାଠ କରିଥିଲେ। ୮ଟି ଅଧିବେଶନରେ ଉପନ୍ୟାସର ଭବିଷ୍ୟତ, ଭାରତର ସାଂସ୍କୃତିକ ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। ଭାରତୀୟ ସାହିତ୍ୟ ପରମ୍ପରା: ଐତିହ୍ୟ ଏବଂ ବିକାଶ ଶୀର୍ଷକ ଜାତୀୟ ଆଲୋଚନାଚକ୍ରର ଶେଷ ଦିନରେ ଭାରତୀୟ କବିତା, ଦଳିତ ସାହିତ୍ୟ ଓ ଆଧ୍ୟାତ୍ମିକ ସାହିତ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ଅଧିବେଶନଗୁଡ଼ିକର ଅଧ୍ୟକ୍ଷତା କରିଥିଲେ ବିଶ୍ୱନାଥ ପ୍ରସାଦ ତିୱାରୀ, ଶ୍ୟୋରାଜ ସିଂହ ବେଚୈନ ଏବଂ ବିଷ୍ଣୁଦତ୍ତ ରାକେଶ। ଏଥିସହିତ ବହୁଭାଷୀ କବି ସମ୍ମିଳନୀ ଓ ଗଳ୍ପ ପାଠର ତିନୋଟି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଓ ରେଖାଚିତ୍ର ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରସିଦ୍ଧ ବଙ୍ଗଳା ଲେଖକ ସୁବୋଧ ସରକାରଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ 'ଲେଖକଙ୍କ ସହ ସାକ୍ଷାତ' ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ତାଙ୍କର ପୁରସ୍କାରପ୍ରାପ୍ତ ବଙ୍ଗଳା କବିତା ସଂଗ୍ରହ 'ଦ୍ୱୈପାୟନ ସରୋବର କେ କିନାରେ'ର ହିନ୍ଦୀ ଅନୁବାଦ ସାହିତ୍ୟ ଏକାଡେମୀର ବିଶିଷ୍ଟ ସଦସ୍ୟ ଏବଂ ପୂର୍ବତନ ସଭାପତି ବିଶ୍ୱନାଥ ପ୍ରସାଦ ତିୱାରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁସ୍ତକର ଅନୁବାଦକ ଅମ୍ରିତା ବେରା ଓ ସାହିତ୍ୟ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ।